# NATIONAL NEWS BULLETIN (ODIA)

## 12 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଯୁଦ୍ଧ ପରିସ୍ଥିତିର କୂଟନୈତିକ ସମାଧାନ ପାଇଁ ଆନ୍ତର୍ଜାତିକ ସମୁଦାୟ ନିରନ୍ତର ପ୍ରୟାସ କରିବା ଆବଶ୍ୟକ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଇରାନ୍ ବିରୋଧରେ ପ୍ରସ୍ତାବିତ ସାମରିକ ଆକ୍ରମଣ ଯୋଜନାକୁ ସ୍ଥଗିତ ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ।
- ଓଡ଼ିଶା ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ।
- ତୈଳବିଜ ଚାଷୀମାନଙ୍କୁ କୃଷି ପରାମର୍ଶ ଯୋଗାଇବା ପାଇଁ ଆରମ୍ଭ ହେଲା ଅଏଲ୍ ସିଡ୍ କିଷାନ୍ ମିତ୍ର ।
- ମେକ୍ସିକୋରେ ଫିଫା ବିଶ୍ୱକପ୍ ୨୦୨୬ର ଶୁଭାରମ୍ଭ ।

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ।

# ଜୟଶଙ୍କର

ଫିନଲ୍ୟାଣ୍ଡରେ ଆୟୋଜିତ 'କୁଲତାରନ୍ତା ଆଲୋଚନା'ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କର କହିଛନ୍ତି, ବିଶ୍ୱର ବିଭିନ୍ନ ଅଞ୍ଚଳରେ ଚାଲିଥିବା ସଂଘର୍ଷ କେବଳ ସେହି ଅଞ୍ଚଳଗୁଡ଼ିକୁ ନୁହେଁ, ବରଂ ବ୍ୟାପକ ଭାବେ ବିଶ୍ୱ ପରିସ୍ଥିତିକୁ ପ୍ରଭାବିତ କରୁଛି। ଫିନଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ଏଲିନା ଭାଲଟୋନେନ୍ ଏବଂ ୟୁଏଇର ସହକାରୀ ବୈଦେଶିକ ମନ୍ତ୍ରୀ ଲାନା ନୁସେଇବେହଙ୍କ ସହ ଆଲୋଚନାରେ ଭାଗ ନେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପ୍ରଭାବ ହ୍ରାସ କରିବା ସହ କୂଟନୈତିକ ସମାଧାନ ପାଇଁ ଆନ୍ତର୍ଜାତିକ ସମୁଦାୟ ନିରନ୍ତର ପ୍ରୟାସ ଜାରି ରଖିବା ଆବଶ୍ୟକ।

ଡଃ ଜୟଶଙ୍କର ଅସ୍ଥିର ବିଶ୍ୱ ପରିସ୍ଥିତିରେ ଯୋଗାଣ ଶୃଙ୍ଖଳାର ବିକେନ୍ଦ୍ରୀକରଣ, ସ୍ଥିରତା ଓ ବିକଳ୍ପ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତର ଶକ୍ତି ନୀତି ଜାତୀୟ ସ୍ୱାର୍ଥ ଆଧାରିତ ଏବଂ ଏଥିରେ ମୂଲ୍ୟ ଓ ଉପଲବ୍ଧତାକୁ ପ୍ରାଥମିକତା ଦିଆଯାଉଛି ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି।

ଉପସାଗରୀୟ ଦେଶଗୁଡ଼ିକ ସହ ଭାରତର ଘନିଷ୍ଠ ସମ୍ପର୍କ, ଶକ୍ତି ସହଯୋଗ ଓ ବଢୁଥିବା ରଣନୀତିକ ଏବଂ ପ୍ରତିରକ୍ଷା ଭାଗୀଦାରି ସମ୍ପର୍କରେ

ଡକ୍ଟର ଜୟଶଙ୍କର କହିଛନ୍ତି,  ଯୁଦ୍ଧର ବଦଳୁଥିବା ସ୍ୱରୂପ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ପ୍ରତିରକ୍ଷା ଓ ରଣନୀତିକ ସହଯୋଗର ନୂତନ ସୁଯୋଗ ସୃଷ୍ଟି କରିଛି। ଚଳିତ ବର୍ଷ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ନେଇ ଆଲୋଚନା କରିଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

ଏହି ଅବସରରେ ଡକ୍ଟର ଜୟଶଙ୍କର ଫିନଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକ୍ସାଣ୍ଡର ଷ୍ଟବ୍‌ଙ୍କୁ ସାକ୍ଷାତ କରି ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଉପରେ ମତ ବିନିମୟ କରିଥିଲେ।

# ଟ୍ରମ୍ପ୍-ଇରାନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ବିରୁଦ୍ଧରେ ପ୍ରସ୍ତାବିତ ସାମରିକ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବିଷୟ ଘୋଷଣା କରିଛନ୍ତି । ପୂର୍ବରୁ ଇରାନ୍‌ର ତୈଳ ଶିଳ୍ପ ଉପରେ ନିୟନ୍ତ୍ରଣ ସହ ସାମରିକ କାର୍ଯ୍ୟାନୁଷ୍ଠାନ ବୃଦ୍ଧି କରିବା ନେଇ ଆମେରିକା ରାଷ୍ଟ୍ରପତି ଚେତାବନୀ ଦେଇଥିଲେ । ତେବେ ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଇରାନ୍ ସହ ହେଉଥିବା ଆଲୋଚନାର ଫଳାଫଳକୁ ସେଠାକାର ସର୍ବୋଚ୍ଚ ନେତୃତ୍ୱ ଅନୁମୋଦନ ଦେଇଛନ୍ତି । ଗତ ଦୁଇ ଦିନ ଧରି ଆମେରିକା ଓ

ଇରାନ୍ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁଁ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇଥିଲା ।

## ପ୍ରେଜ୍-ଉତ୍ତରାଖଣ୍ଡ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ଉତ୍ତରାଖଣ୍ଡ ଗସ୍ତରେ ଯିବେ । ଗସ୍ତ ଅବସରରେ ରାଷ୍ଟ୍ରପତି ଡେରାଡୁନସ୍ଥିତ ଭାରତୀୟ ସାମରିକ ଏକାଡେମୀର ୧୫୮ତମ ରେଗୁଲାର କୋର୍ସ ଏବଂ ୧୪୧ତମ ଟେକ୍ନିକାଲ ଗ୍ରାଜୁଏଟ କୋର୍ସର ପାସିଂ-ଆଉଟ୍ ପରେଡ୍‌ର ସମୀକ୍ଷା କରିବେ।

## ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାରଙ୍କ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଲୋକସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି। ପୂର୍ବାହ୍ନରେ ହେବାକୁ ଥିବା ସମ୍ମିଳନୀରେ ଶ୍ରୀ ମାଝୀ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ ଭବିଷ୍ୟତ ରୂପରେଖ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରୁ

ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିବେ। ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନୁମୋଦନ ଲାଭ କରିବାର ସମ୍ଭାବନା ରହିଛି।

## ଗୋୟଲ-ସ୍ୱିଜରଲ୍ୟାଣ୍ଡ ଭିଜିଟ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଆଜିଠାରୁ ଦୁଇ ଦିନିଆ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଯିବେ। ଏହି ଅବସରରେ ସେ ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ଏବଂ ଆର୍ଥିକ ବ୍ୟାପାର ବିଭାଗର ରାଜ୍ୟ ସଚିବଙ୍କ ସହ ଆଲୋଚନା କରିବେ। ଶ୍ରୀ ଗୋୟଲ ସ୍ୱିଜରଲ୍ୟାଣ୍ଡ ଔଷଧ ଶିଳ୍ପର ପ୍ରମୁଖ ପ୍ରତିନିଧିମାନଙ୍କ ସହ ମଧ୍ୟ ମତବିନିମୟ କରିବେ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ – ଏହି ଗସ୍ତ ଭାରତ-ସ୍ୱିଜରଲ୍ୟାଣ୍ଡ ଆର୍ଥିକ ସହଭାଗିତାକୁ ସୁଦୃଢ଼ କରିବା ସହ ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ  ବାଣିଜ୍ୟ ଓ ଆର୍ଥିକ ଭାଗୀଦାରି ଚୁକ୍ତିର କାର୍ଯ୍ୟକାରିତା ନେଇ ଆଲୋଚନାକୁ ଆଗକୁ ବଢ଼ାଇବ। ଏଥିସହ ଚୁକ୍ତିର କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜିନିବେଶ ଓ ପ୍ରତିଷ୍ଠାନଗତ ସହଯୋଗ ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହେବ।

ଗସ୍ତ ଅବସରରେ ଶ୍ରୀ ଗୋୟଲ ଜୁରିକ୍‌ରେ ସ୍ୱିସ୍ କମ୍ପାନୀ ଓ ନିବେଶକମାନଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିନିବେଶ ନେଇ ଆର୍ଥିକ ସହଯୋଗ ବିଷୟରେ  ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## କିଶାନ୍ ମିତ୍ର

ଦେଶରେ ଖରିଫ ଚାଷ ଋତୁ ଆରମ୍ଭ ହେଉଥିବାବେଳେ ତୈଳବୀଜ ଚାଷୀମାନଙ୍କୁ ଗବେଷଣାଭିତ୍ତିକ କୃଷି ପରାମର୍ଶ ଯୋଗାଇବା ପାଇଁ 'ଅଏଲସିଡ୍ସ କିଷାନ ମିତ୍ର' ନାମକ ହ୍ୱାଟସ୍‌ଆପ୍ ଆଧାରିତ କୃତ୍ରିମ ବୁଦ୍ଧିମତା ସେବା ଆରମ୍ଭ କରାଯାଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ – ଏହି ପଦକ୍ଷେପ ମାଧ୍ୟମରେ ଦେଶର ଯେକୌଣସି ତୈଳବୀଜ ଚାଷୀ ହ୍ୱାଟସ୍‌ଆପ୍ ଜରିଆରେ ନିଃଶୁଳ୍କ, ନିର୍ଭରଯୋଗ୍ୟ ଓ ତ୍ୱରିତ ଫସଲ ପରାମର୍ଶ ପାଇପାରିବେ । ଚାଷୀମାନେ +୯୧ ୪୦୨୪୫୯୮୧୮୦ ନମ୍ବରକୁ 'ଅଏଲସିଡ୍ସ କିଷାନ ମିତ୍ର' ନାମରେ ସେଭ୍ କରି ହ୍ୱାଟସ୍‌ଆପ୍‌ରେ ବାଦାମ, ସୋରିଷ, ରାଶି, ସୂର୍ଯ୍ୟମୁଖୀ, ସୋୟାବିନ୍ ଓ ଅନ୍ୟାନ୍ୟ ତୈଳବୀଜ ଫସଲ ସମ୍ପର୍କିତ ପ୍ରଶ୍ନ ଯେକୌଣସି ଭାରତୀୟ ଭାଷାରେ ପଚାରିପାରିବେ ।

## ପ୍ରଧାନ-ଷ୍ଟୁଡେଣ୍ଟ ମିଟ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୁବ ସଂଗମର ଷଷ୍ଠ ପର୍ଯ୍ୟାୟରେ ଛତିଶଗଡ଼ର ଛାତ୍ର ପ୍ରତିନିଧିମାନଙ୍କ ସହ ମତବିନିମୟ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ପାଠ୍ୟପୁସ୍ତକ ଓ ଶ୍ରେଣୀ ଗୃହ ବାହାରେ ଦେଶର ସାଂସ୍କୃତିକ ବିବିଧତା ଓ ବିକାଶ ମୂଳକ ପଦକ୍ଷେପ ଭାରତକୁ ଅନୁଭବ କରିବାର ସୁଯୋଗ ଦେଇଥାଏ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବିଭିନ୍ନ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ସହ ମତବିନିମୟ କରିବା ଦ୍ୱାରା 'ଏକ ଭାରତ ଶ୍ରେଷ୍ଠ ଭାରତ' ଭାବନା ସୁଦୃଢ଼ ହେଉଛି । ଏହି ଅବସରରେ ଦେଶର ବିକାଶରେ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ସୃଷ୍ଟି ହୋଇଥିବା ସୁଯୋଗର ସଦୁପଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

## ପଞ୍ଚାୟତି ରାଜ ଆୱାର୍ଡ଼

ପଞ୍ଚାୟତି ରାଜ ମନ୍ତ୍ରଣାଳୟ, ଜାତୀୟ ଇ-ଶାସନ ପୁରସ୍କାର-୨୦୨୬ ପାଇଁ ପଞ୍ଚାୟତି ରାଜ ସମ୍ବନ୍ଧୀୟ ଚାରିଟି ପଦକ୍ଷେପକୁ ଚୟନ କରାଯାଇଛି । ଏଥିରେ ଡିଜିଟାଲ୍ ଶାସନ ଓ ଜନମୁଖୀ ସେବା ପ୍ରଦାନରେ ଗ୍ରାମ ପଞ୍ଚାୟତଗୁଡ଼ିକର ବର୍ଦ୍ଧିତ ଭୂମିକାକୁ ବିଚାରକୁ ନିଆଯାଇଛି ।

ସୂଚନା ଅନୁଯାୟୀ, ଡିଜିଟାଲ୍ ପ୍ଲାଟଫର୍ମରେ ତଥ୍ୟ ବିଶ୍ଳେଷଣର ବ୍ୟବହାର ମାଧ୍ୟମରେ ଡିଜିଟାଲ୍ ରୂପାନ୍ତର ବର୍ଗରେ 'ପଞ୍ଚାୟତ ଆଡଭାନ୍ସମେଣ୍ଟ ଇଣ୍ଡେକ୍ସ'କୁ ସ୍ୱର୍ଣ୍ଣ ପୁରସ୍କାର ମିଳିଛି ।

ସେହିପରି, ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାର କାଦେପୁର ଗ୍ରାମ ପଞ୍ଚାୟତ ସ୍ୱର୍ଣ୍ଣ ଏବଂ ତ୍ରିପୁରାର ପଶ୍ଚିମ ତ୍ରିପୁରା ଜିଲ୍ଲାର ବିଜୟ ନଗର ଗ୍ରାମ ପଞ୍ଚାୟତ ରୌପ୍ୟ ପୁରସ୍କାର ହାସଲ କରିଛି । ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା ସେବା ପ୍ରଦାନକୁ ଅଧିକ ସୁଦୃଢ଼ ଓ ବ୍ୟାପକ କରିବା ଦିଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲା ପରିଷଦର ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଇ-ଆରୋଗ୍ୟ ଧମନୀ ପଦକ୍ଷେପ ପାଇଁ ଜିଲ୍ଲା ସ୍ତରୀୟ ଇ-ଶାସନ ବର୍ଗରେ ସ୍ୱର୍ଣ୍ଣ ପୁରସ୍କାର ପାଇଛି । ଏହି ପଦକ୍ଷେପ ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବାରେ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର କରୁଛି ।

ଆସନ୍ତା ମାସ ୧ ଓ ୨ ତାରିଖରେ ରାଜସ୍ଥାନର ଜୟପୁରରେ ଆୟୋଜିତ ହେବାକୁ ଥିବା ୨୯ତମ ଜାତୀୟ ଇ-ଶାସନ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯିବ । ସମ୍ମିଳନୀର ବିଷୟବସ୍ତୁ ରହିଛି – "ବିକଶିତ ଭାରତ ୨୦୪୭ : ଏଆଇ-ସକ୍ଷମ, ତଥ୍ୟ-ନିର୍ଭର ଏବଂ ସୁରକ୍ଷିତ ଡିଜିଟାଲ୍ ଶାସନ" ।

# ଗଭ୍ ୧୨ ଇୟର୍ସ୍ ଫରେନ୍ ପଲିସି

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ଦେଶର ବୈଦେଶିକ ନୀତିର ସଫଳତା ସମ୍ପର୍କରେ ।

ଗତ ୧୨ ବର୍ଷରେ ଭାରତ ନିଜର ପୁରୁଣା ସମ୍ପର୍କକୁ ସୁଦୃଢ଼ କରିବା ସହ ନୂତନ ବନ୍ଧୁ ରାଷ୍ଟ୍ରଙ୍କ ସହ ସମ୍ପର୍କ ସ୍ଥାପନ କରିଛି। 'ଇଣ୍ଡିଆ ଫାଷ୍ଟ' ନୀତିକୁ ଆଧାର କରି ଭାରତର ବୈଦେଶିକ ନୀତିକୁ ନୂଆ ଦିଗ ମିଳିଛି। କୋଭିଡ୍ ମହାମାରୀ ସମୟରେ 'ଭ୍ୟାକ୍ସିନ୍ ମୈତ୍ରୀ' କାର୍ଯ୍ୟକ୍ରମ ଭାରତର ମାନବିକ କୂଟନୀତିର ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଥିଲା। ୨୦୨୧ ଜାନୁଆରୀରୁ ଭାରତ ୯୯ଟି ଦେଶ ଓ ଦୁଇଟି ଜାତିସଂଘ ସଂସ୍ଥାକୁ ୩୦କୋଟିରୁ ଅଧିକ ଟିକା ଯୋଗାଥିଲା। ଏଥିରେ ୫୦ରୁ ଅଧିକ ଦେଶକୁ ଟିକା ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । 'ପଡ଼ୋଶୀ ପ୍ରଥମ' ନୀତି ଅନୁଯାୟୀ ବାଂଲାଦେଶ ସମେତ ପଡ଼ୋଶୀ ଦେଶଗୁଡ଼ିକୁ ଟିକା ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ଦିଆଯାଇଥିଲା।

ମାନବିକ ସହାୟତା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୨୫ ନଭେମ୍ବରରେ ଶ୍ରୀଲଙ୍କାର ପୂର୍ବ ଉପକୂଳରେ ସଂଘଠିତ ବାତ୍ୟା 'ଡିଟ୍‌ୱାହ' ବ୍ୟାପକ କ୍ଷୟକ୍ଷତି ଘଟାଇବା ପରେ ଭାରତ 'ଅପରେସନ ସାଗର ବନ୍ଧୁ' ଅଧୀନରେ ରିଲିଫ୍ ଓ ଉଦ୍ଧାର ସହାୟତା ପ୍ରଦାନ କରିବା ସହ ଭାରତୀୟ ନୌସେନା, ବାୟୁସେନା, ସେନା ଓ ବିପର୍ଯ୍ୟୟ ମୁକାବିଲା ଦଳ ସେଠାରେ ସମନ୍ୱିତ ଭାବେ କାର୍ଯ୍ୟ କରିଥିଲେ। ମାନବୀୟ ସହାୟତା ସ୍ୱରୂପ ଏକ ହଜାର ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ, ଔଷଧ, ଚିକିତ୍ସା ସହାୟତା ଓ ଆବଶ୍ୟକ ଉପକରଣ ଶ୍ରୀଲଙ୍କାକୁ ଯୋଗାଇ ଦିଆଯାଇଥିଲା। ଭାରତୀୟ ବାୟୁସେନା ୨୬୪ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୨ ହଜାର ୫୦୦ରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁନର୍ନିର୍ମାଣ ପାଇଁ ୧୪ଟି ବେଲି ବ୍ରିଜ୍ ମଧ୍ୟ ଶ୍ରୀଲଙ୍କାକୁ ପଠାଯାଇଥିଲା।

'ଭ୍ୟାକ୍ସିନ୍ ମୈତ୍ରୀ' ଓ 'ଅପରେସନ ସାଗର ବନ୍ଧୁ' ଭଳି ପଦକ୍ଷେପ ମାଧ୍ୟମରେ ଗତ ୧୨ ବର୍ଷରେ ଭାରତ ବିଶ୍ୱସ୍ତରରେ ଏକ ଦାୟିତ୍ୱବାନ ଓ ମାନବିକ ନେତୃତ୍ୱର ପରିଚୟ ଦେଇଛି। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶକୁ ଆଧାର କରି ଭାରତ ଆଞ୍ଚଳିକ ସହଯୋଗ ଏବଂ ମାନବିକ ସହାୟତା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ଫିଫା-ୱାର୍ଲ୍ଡକପ୍

ମେକ୍ସିକୋ ସିଟିରେ ଗତକାଲି ଭବ୍ୟ ଉଦ୍‌ଘାଟନୀ ସମାରୋହ ସହ ଫିଫା ବିଶ୍ୱକପ୍-୨୦୨୬ର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସହ-ଆୟୋଜକ ମେକ୍ସିକୋ, ଆଜ୍‌ଟେକା ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। ଏହି ଫିଫା ବିଶ୍ୱକପ୍‌ରେ କାନାଡା, ମେକ୍ସିକୋ ଏବଂ ଯୁକ୍ତରାଷ୍ଟ୍ରରେ ୪୮ଟି ଦଳ ୧୦୪ଟି ମ୍ୟାଚ୍ ଖେଳିବେ।

## ୱିମେନ୍ସ-ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇସିସି ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦଶମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆୟୋଜକ ଇଂଲଣ୍ଡ ଦଳ ବର୍ମିଂହାମ୍‌ର ଏଜବାଷ୍ଟନ୍ ଠାରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବ । ପ୍ରାୟ ଏକ ମାସ ବ୍ୟାପୀ ଏହି ପ୍ରତିଯୋଗିତାରେ ଇଂଲଣ୍ଡ ଓ ୱେଲ୍ସର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଅନୁଷ୍ଠିତ ହେବ ଏବଂ ଜୁଲାଇ ୫ ତାରିଖରେ ଐତିହାସିକ ଲର୍ଡ୍ସ କ୍ରିକେଟ୍ ପଡ଼ିଆରେରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ। ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୭ଟି ସ୍ଥାନରେ ୩୩ଟି ମ୍ୟାଚ୍ ଖେଳାଯିବ।

# ଆର୍ଚେରୀ ଓ୍ୱାର୍ଲ୍ଡକପ୍

ତୁର୍କୀର ଆଣ୍ଟାଲ୍ୟାଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍‌ରେ ଭାରତର ରିକର୍ଭ ମିଶ୍ରିତ ଯୋଡ଼ି ବି. ଧୀରଜ ଓ କୁମ୍‌କୁମ୍ ମୋହୋଦ ଫାଇନାଲ୍‌ରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଏହି ଯୋଡ଼ି ଡେନମାର୍କ ଯୋଡ଼ିଙ୍କୁ ୬-୦ ପରାସ୍ତ କରିବା ସହ କ୍ୱାର୍ଟର ଫାଇନାଲ୍‌ରେ ଆମେରିକୀୟ ଯୋଡ଼ିଙ୍କୁ ୬-୨ ଏବଂ ସେମିଫାଇନାଲ୍‌ରେ ଜର୍ମାନ ଯୋଡ଼ିଙ୍କୁ ୬-୨ରେ ପରାସ୍ତ କରିଥିଲେ। ଅଲିମ୍ପିଆନ୍ ଧୀରଜ ଏବଂ କୁମ୍‌କୁମ୍ ଆସନ୍ତା ୧୪ ତାରିଖରେ କୋରିଆର ଅଲିମ୍ପିକ୍ ପଦକ ବିଜେତା କିମ୍ ଜେ ଡିଓକ୍ ଓ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଓ' ୟେଜିନ୍‌ଙ୍କ ସହ ମୁକାବିଲା କରିବେ ।